# ୯. ଭୂଇଁନିମ୍ବ

ଭୂଇଁନିମ୍ବ ର ବହୁଳ ବ୍ୟବହାର ଆୟୁର୍ବେଦ, ହୋମେଓପାଥି ଓ ପାରମ୍ପରିକ ଚିକିତ୍ସା ପଦ୍ଧତିରେ କରାଯାଉଅଛି | ଚିରେଇତା ପରିବର୍ତ୍ତେ ମଧ୍ୟ ଏହାକୁ ବ୍ୟବହାର କରାଯାଉଅଛି | ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡିଶା, ପଶ୍ଚିମବଙ୍ଗ ଓ ଆସାମ ଆଦି ରାଜ୍ୟରେ ଏହା ବହୁଳ ପରିମାଣରେ ଦେଖିବାକୁ ମିଳିଥାଏ | ଏବେ ଏହାର ଚାହିଦାକୁ ଦେଖି ବ୍ୟବସାୟିକ ଭିତ୍ତିରେ ଏହାର ଚାଷ କରାଯାଉଅଛି | ଏହାର ପଞ୍ଚାଙ୍ଗ ଔଷଧ ରୂପରେ ବ୍ୟବହାର କରାଯାଏ | ଏହା କଫପିତ୍ତ ନାଶକ ଗୁଣଯୁକ୍ତ ହୋଇଥିବା ହେତୁ ସମସ୍ତ ପ୍ରକାର ଯକୃତ ଗତରୋଗ, ଅଗ୍ନିମାନ୍ଦ୍ୟ, ପ୍ଲିହାବୃଦ୍ଧି, ବିଷମଜ୍ୱର, ରକ୍ତ ଶୋଧକ ଓ କୃମି ରୋଗରେ ଉତ୍ତମ ଫଳପ୍ରଦ ହୋଇଥାଏ |

**ଉଦ୍ଭିଦ ପରିଚୟ:**

ଏହାର ଉଚ୍ଚତା ୨-୩ ଫୁଟ ପର୍ଯନ୍ତ ହୋଇଥାଏ | ଏହାର ପତ୍ର ଗୁଡିକ ଲଙ୍କା ଗଛର ପତ୍ରଭଳି ଦେଖାଯାଏ, ଫୁଲର ରଙ୍ଗ ବାଇଗଣୀ ରଙ୍ଗ ର ହୋଇଥାଏ | ଏହାର ବଂଶ ବିସ୍ତାର ମଞ୍ଜି ମାଧ୍ୟମରେ ହୋଇଥାଏ ଏବଂ ଏହା ବିଶେଷ କରି ଛାଇ ସ୍ଥାନ ମାନଙ୍କରେ ଅଧିକ ଦେଖାଯାଏ | ଭାରତର ବିଭିନ୍ନ ପ୍ରଦେଶରେ ଏହା ବିଭିନ୍ନ ନାମରେ ନାମିତ ଯଥା -

ଓଡ଼ିଆ - ଭୂଇଁନିମ୍ବ

ବେଙ୍ଗଲୀ - କାଲମେଘ

ହିନ୍ଦୀ - କାଲମେଘ

ସଂସ୍କୃତ - ଭୂନିମ୍ବ, କାଲମେଘ

ଇଂରାଜି – Creat

**ଜଳବାୟୁ ଓ ମୃର୍ତ୍ତିକା:**

ଏହାର ଚାଷ ନିମନ୍ତେ ଅଧିକ ଉଷ୍ମ ତଥା ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ପଡୁଥିବା ଜମି ଉପଯୁକ୍ତ | ବର୍ଷାଋତୁ ଆରମ୍ଭ ହେଲେପରେ ଏହାର ବୃଦ୍ଧି ଖୁବ ଶୀଘ୍ର ହୋଇଥାଏ | ସେପ୍ଟେମ୍ବର ମାସ ପରେ ଯେତେବେଳେ ତାପମାତ୍ରା ସାମାନ୍ୟ କମିଯାଏ ସେତେବେଳେ ଗଛରେ ଫୁଲ ଆସିବା ଆରମ୍ଭ ହୋଇଥାଏ | ମଧ୍ୟମ ଉର୍ବରଯୁକ୍ତ ଏବଂ ନିଗିଡ଼ା ଜମିରେ ଏହାର ଚାଷ ନିମନ୍ତେ ଉପଯୁକ୍ତ |

**ଟାରା ପ୍ରସ୍ତୁତି:**

ମଞ୍ଜି ମାଧ୍ୟମରେ ଏହାର ବଂଶବିସ୍ତାର କରାଯାଏ | ଚାରା ପ୍ରସ୍ତୁତି ନିମନ୍ତେ ପ୍ରଥମେ ୧୦ ମିଟର ଲମ୍ବ ଓ ୨ ମିଟର ଓସାରର ତିନୋଟି ବେଡ଼ ଏବଂ ୨୫୦ - ୩୦୦ ଗ୍ରାମ ମଞ୍ଜି ଏକ ହେକ୍ଟର ଜମି ଚାଷ ନିମନ୍ତେ ଆବଶ୍ୟକ ପଡିଥାଏ | ବେଡ଼ ପ୍ରସ୍ତୁତି ସମୟରେ ମାଟିରେ ଶଢ଼ାଗୋବର ଖତ ମିଶାଇ ପ୍ରସୂତ କରିବା ଦରକାର, ଯାହାଫଳରେ ଚାରା ଗୁଡିକ ହୃଷ୍ଟପୁଷ୍ଟ ହୋଇଥାଏ | ମେ ମାସ ଦ୍ୱିତୀୟ ସପ୍ତାହରେ ମଞ୍ଜିକୁ ପୂର୍ବ ପ୍ରସ୍ତୁତ ବେଡ଼ ରେ ବାଲି ମିଶାଇ ବୁଣାଯାଏ ଯାହାଦ୍ୱାରା ଚାରା ବହଳିଆ ହୋଇନଥାଏ | ବେଡ଼ କୁ ମାଟି ଛିଞ୍ଚି କରି ଘୋଡାଇ ଦିଆଯାଏ ଓ ପରେ ପରେ ସାମାନ୍ୟ ଧରଣର ଜଳ ଛିଞ୍ଚନ କରାଯାଏ | ୩୦-୪୫ ଦିନ ମଧ୍ୟରେ ଚାରା ଗୁଡିକ ମୁଖ୍ୟ କ୍ଷେତରେ ରୋପଣ ନିମନ୍ତେ ଉପଯୁକ୍ତ ହୋଇଯାଏ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି:**

ଜମି ପ୍ରସ୍ତୁତି ନିମନ୍ତେ ଏପ୍ରିଲ ଓ ମାସରେ ଖରାଟିଆ ହଳକରି ଜମି ସୁଦ୍ଧି ନିମନ୍ତେ ଛାଡିଦିଆଯାଏ ପରେ ବର୍ଷା ଋତୁ ପ୍ରାରମ୍ଭରୁ ହେକ୍ଟର ପ୍ରତି ୧୦-୧୫ ଟନ ଶଢ଼ାଗୋବର ଖତ ମିଶାଇ ଦୁଇ ଓର ହଳ କରି ଜମି ସମତୁଲ କରାଯାଏ |

**ଚାରା ରୋପଣ:**

ପୂର୍ବ ପ୍ରସୂତ ଚାରା ଗୁଡିକୁ ମୁଖ୍ୟ କ୍ଷେତରେ ଜୁନ ଦ୍ୱିତୀୟ ସପ୍ତାହରୁ ଜୁଲାଇ ମାସ ରୋପଣ କରିବା ଉଚିତ | ଚାରା ରୋପଣ ର ୧ ଦିନ ପୂର୍ବରୁ ଜମିରେ ସାମାନ୍ୟ ଜଳସେଚନ କରିବା ଦ୍ୱାରା ରୋପଣ ସୁବିଧା ହୋଇଥାଏ | ଧାଡ଼ିକି ଧାଡି ୩୦ ସେ. ମି. ଓ ଚାରା କୁ ଚାରା ୩୦ ସେ. ମି. ଅନ୍ତରରେ ଚାରା ରୋପଣ କରାଯାଏ | ଚାରା ରୋପଣ ଦୁଇ ପ୍ରହର ପରେ କରିବା ଦ୍ୱାରା ଚାରା ଗୁଡିକ କମ ମରିଥାଏ | ରୋପଣ ପରେ ପରେ ତୁରନ୍ତ ଜଳସେଚନ ନିତ୍ୟାନ୍ତ ଆବଶ୍ୟକ |

**ଜଳସେଚନ:**

ଚାରା ରୋପଣ ର ପ୍ରଥମ ଏକ ମାସ ପର୍ଯନ୍ତ ୭-୧୦ ଦିନ ଅନ୍ତରରେ ସାମାନ୍ୟ ଜଳସେଚନ ଆବଶ୍ୟକ, ଯଦିଓ ଲଗାତାର ଅନ୍ତରାଳରେ ବର୍ଷା ହେଉଥାଏ ତାହାଲେ ଜଳସେଚନର ଆବଶ୍ୟକତା ନାହିଁ | ଏକ ମାସ ପରେ ଯଦିଓ ବର୍ଷା ନହୁଏ ତେବେ ୧ ମାସ ଅନ୍ତରାଳରେ ଗଛରେ ଫୁଲ ଆସିବା ପର୍ଯ୍ୟନ୍ତ ଆବଶ୍ୟକତା ପଡିଥାଏ | ବର୍ଷା ସମୟରେ ହେଉ କିମ୍ବା ଜଳସେଚନ ସମୟରେ ହେଉ ଧ୍ୟାନ ଦେବା ଦରକାର ଯେପରି ଜମିରେ ପାଣି ଜମିକରି ନରୁହେ କାରଣ ଜମିରେ ପାଣି ଜମି ରହିଲେ ଏହାର ଛେରା ଗୁଡିକ ପାଚିଯାଏ ଓ ଗଛ ନଷ୍ଟ ହୋଇଯାଏ | ତେଣୁ ଜମିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଦରକାର |

**ଘାସ ବାଛିବା / କ୍ଷେତ ସଫାରଖିବା:**

ବର୍ଷା ଦିନରେ ଫସଲ ଭଲ ବଢିଥାଏ କିନ୍ତୁ ଏହି ସମୟରେ ଅଧିକ ଘାସ ଓ ଅନାବନା ଗଛ ଉଠିଥାଏ | ତେଣୁ ଲଗାତାର ଅନ୍ତରାଳରେ କ୍ଷେତକୁ ସଫାକରିବା ଉଚିତ ନଚେତ ଗଛ ଗୁଡିକ ଭଲ ବଢ଼ିନଥାଏ ଓ ରୋଗପୋକ ଲାଗିଥାଏ |

**ରୋଗ ଓ ପୋକ ନିରାକରଣ:**

ଯଦି କ୍ଷେତ କୁ ସଫା ରଖାଯାଏ ତେବେ ଏହି ଫସଲରେ ରୋଗ ଓ ପୋକ ଆକ୍ରମଣ କରିନଥାଏ କାରଣ ଏହା ତିକ୍ତ ରସ ଗୁଣ ଯୁକ୍ତ ହେତୁ ଏଥିରେ ରୋଗ ପୋକ ଲାଗିନଥାଏ |

**ଅମଳ:**

ଭୂଇଁନିମ୍ବରେ Andrographolide ର ମାତ୍ରା ଏହାର ଫୁଲ ଫୁଟିବା ସମୟରେ ଅଧିକ ରହିଥାଏ ତେଣୁ ଏହି ସମୟ ଅମଳ ନିମନ୍ତେ ଉପଯୁକ୍ତ ପ୍ରାୟ ଚାରା ରୋପଣ ର ୯୦ ରୁ ୧୦୦ ଦିନ ମଧରେ ଏଥିରେ ଫୁଲ ଫୁଟି ଥାଏ | ଉପଯୁକ୍ତ ସମୟରେ ଅମଳ କରିଲେ ଏହାର ବଜାର ମୂଲ୍ୟ ଅଧିକ ରହିଥାଏ | ପ୍ରତି ହେକ୍ଟର ରୁ ପ୍ରାୟ ୩ ଟନ ଶୁଖିଲା ଭୂଇଁନିମ୍ବ ଅମଳ ହୋଇଥାଏ |

**ପକ୍ରିୟାକାରଣ:**

ଅମଳ ପରେ ଭୂଇଁନିମ୍ବ କୁ ପାଣିରେ ଧୋଇ ସଫାକରି ଗୋଛା ଗୋଛା କରି ଏହାର ମୂଳକୁ ବାନ୍ଧି ପାଣି ନିଗିଡିବା ପର୍ଯନ୍ତ ଖରାରେ ଟାଙ୍ଗି ଦିଆଯାଏ (ଶୁଖାଯାଏ) | ପାଣି ନିଗିଡ଼ିଯିବା ପରେ ଛାଇରେ (ବାୟୁ ଚଳାଚଳ କରୁଥିବା ଗୃହରେ ) ଟାଙ୍ଗି କରି ଶୁଖାଯାଏ | ଏହା ସମ୍ପୂର୍ଣ ସୁଖି ଗଲାପରେ ଏହାକୁ ପ୍ୟାକିଂ କରି ରଖାଯାଏ | ଏହାକୁ ଛାଇ ରେ ସୁଖେଇବାଦ୍ୱାରା ଏହାର ପତ୍ର ର ରଙ୍ଗରେ ପରିବର୍ତ୍ତନ ହୋଇନଥାଏ ପୂର୍ବ ଭଳି ସବୁଜ ରହିଥାଏ ଯାହା ବିକ୍ରୟ ନିମନ୍ତେ ଉପଯୁକ୍ତ ଓ ଏଥିରେ ଅଧିକ ଔଷଧୀୟ ଗୁଣ ରହିଥାଏ କିନ୍ତୁ ଯଦି ଆମେ ଏହାକୁ ଖରାରେ ସୁଖେଇବା ତେବେ ଏହାର ରଙ୍ଗର ପରିବର୍ତ୍ତନ ହୋଇଯାଏ ଏବଂ ଏହାର ଔଷଧୀୟ ଗୁଣ କମିଯାଏ ଯାହାଦ୍ୱାରା ଏହାର ବିକ୍ରୟରେ ସମସ୍ୟା ଦେଖାଯାଏ |

**ଆୟ ବ୍ୟୟ ଅଟକଳ:**

**୧. ବ୍ୟୟ**

| କ୍ରମିକ ନମ୍ବର | ଖର୍ଚ୍ଚ ବିଶେଷ | ପରିମାଣ | ଟଙ୍କା ର ପରିମାଣ |
|---|---|---|---|
| ୧ | ମଞ୍ଜି | ୩୦୦ ଗ୍ରାମ | ୨,୫୦୦.୦୦ |
| ୨ | ମୁଖ୍ୟ କ୍ଷେତ ପ୍ରସ୍ତୁତି | | ୫,୨୫୦.୦୦ |

| | | | |
|---|---|---|---|
| ୩ | ଗୋବର ଖତ | ୬ ଟନ | ୩,୫୦୦.୦୦ |
| ୪ | ନର୍ସରୀ ପ୍ରସ୍ତୁତି | | ୧,୦୦୦.୦୦ |
| ୫ | ଚାରା ରୋପଣ | | ୨,୫୦୦.୦୦ |
| ୬ | ଜଳସେଚନ | | ୩,୦୦୦.୦୦ |
| ୭ | ଘାସ ବଛା | | ୩,୦୦୦.୦୦ |
| ୮ | କୀଟନାଶକ | | ୨,୫୦୦.୦୦ |
| ୯ | ଅମଳ | | ୫,୦୦୦.୦୦ |
| ୧୦ | ଶୁଖାଇବା ଓ ସଂରକ୍ଷଣ | | ୭,୦୦୦.୦୦ |
| | | **ମୋଟ** | **୩୫,୨୫୦.୦୦ ଟଙ୍କା** |

**୨. ଆୟ**

| **ଅମଳ** | **ପରିମାଣ** | **କିଲୋଗ୍ରାମ ପ୍ରତି ମୂଲ୍ୟ** | **ଟଙ୍କା ର ପରିମାଣ** |
|---|---|---|---|
| ଶୁଖିଲା ଭୂଇଁନିମ୍ବ | ୩୦୦୦ କିଲୋଗ୍ରାମ | ୬୦.୦୦ ଟଙ୍କା | ୧,୮୦,୦୦୦.୦୦ ଟଙ୍କା |
| | | **ମୋଟ** | **୧,୮୦,୦୦୦.୦୦ ଟଙ୍କା** |